ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୩୦ ନଭେମ୍ବର ୨୦୨୪ ● ଶନିବାର

ଜାନୁଆରୀ ପହିଲା ଦିନ ବିଶ୍ୱ ପ୍ରାର୍ଥନା ଦିବସ ପାଳନ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍

ଶିବାନନ୍ଦ ଆଶ୍ରମର ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ୨୦୧୭ ମସିହାରୁ ଜାନୁଆରୀ ପହିଲା ଦିନକୁ ବିଶ୍ୱ ପ୍ରାର୍ଥନା ଦିବସ ପାଳନ କରିବାକୁ ଚେଷ୍ଟା କରିଆସୁଛନ୍ତି । ବିଶ୍ୱର ଭିନ୍ନ ଭିନ୍ନ ଦିବସ ପାଳନ ହେଉଛି କିନ୍ତୁ ପ୍ରାର୍ଥନା ଦିବସ ପାଳନ ହୋଇପାରୁନାହିଁ । ସବୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରୀମା ବିଶ୍ୱର ସବୁ ଧର୍ମାବଲମ୍ବୀମାନଙ୍କୁ ତଥା ସବୁ ସମ୍ପ୍ରଦାୟ ଓ ସମସ୍ତ ବିଶ୍ୱବାସୀ ନିବେଦନ ଓ ଅନୁରୋଧ କରି ଜାନୁୟାରୀ ପହିଲା ଦିନକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି । ପ୍ରାର୍ଥନାର ଶକ୍ତି ଅସୀମ ଓ ଅମୋଘ କବଚ, ଆମେ ବିଶ୍ୱର ଶାନ୍ତି ପାଇଁ ଗୋଟିଏ ଦିନ ଗୋଟିଏ ମୁହୂର୍ତ୍ତରେ ସମସ୍ତେ ନିଜ ନିଜର ଉପାସ୍ୟ ଦେବତାଙ୍କୁ ନିଜ ଭାଷାରେ ନିଜ ଭାବରେ ପ୍ରାର୍ଥନା କରିବାକୁ ଆହ୍ୱାନ କରାଯାଉଛି । ସକଳେ ହୋଇ ଏକ ମୁଖ ଡାକିବା ନାରାୟଣ ରଖ ଏକ ସଙ୍ଗେ ପ୍ରାର୍ଥନା କଲେ ଆମ ଚାରିକଡେ ଆଧ୍ୟାତ୍ମିକ ବଳୟ ସୃଷ୍ଟି ହୋଇ ସମସ୍ତଙ୍କୁ ସବୁ ବିପଦରୁ ରକ୍ଷା କରିବ । ଆଜିର ଏହି ପ୍ରସ୍ତୁତି ବୈଠକରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନିର୍ମଳବାବୁ ଆର୍ଯ୍ୟ ସମାଜର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ମା' ଆଦିଶକ୍ତି ଟ୍ରଷ୍ଟ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ଼ ନାରାୟଣ ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚରକ ତ୍ରିଲୋଚନ ନାୟକ, ଶ୍ରୀଧର ସ୍ୱାମୀ ଟ୍ରଷ୍ଟର ପ୍ରଦୀପ ମହାନ୍ତି, ବୈରାଗ ମିଶନର କୁଳମଣି ରାଉତ, ଶିକ୍ଷବିତ ଡ଼ ବିଜୟ ସ୍ୱାଇଁ, ନିରଞ୍ଜନ ପଣ୍ଡା ଓ ଦିବ୍ୟ ଜୀବନ ସଙ୍ଘର ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଏହି ବୈଠକକୁ ସମାଜସେବୀ ମନୋରଞ୍ଜନ ମହାନ୍ତି ପରିଚାଳନା କରିଥିଲେ । ସଭା ଶେଷରେ ଦିବ୍ୟ ଜୀବନ ସଙ୍ଘର ପ୍ରମୁଖ ରାଧାଶ୍ୟାମ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପରେ ପରେ ଶ୍ରୀମାଙ୍କ ଦ୍ୱାରା ଶାନ୍ତି ପାଠ ହୋଇ ସଭା ସାଙ୍ଗ କରାଯାଇଥିଲା ।

ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ

ଅସ୍ତରଙ୍ଗ : ଏକ୍ସପ୍ରେସ୍ ନ୍ୟୁଜ୍

ଅଲିଭି ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁହୋଇଛି । କିନ୍ତୁ ସରକାରଙ୍କ କଟକଣା ଉଲ୍ଲଘଂନ କରି ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ଶହ ଶହ ଟ୍ରଲର ମାଛ ଧରୁଛନ୍ତି । କିନ୍ତୁ ନିଷିଦ୍ଧାଞ୍ଚଳ ଜାରି ହେବାର ୨୮ଦିନ ମଧ୍ୟରେ ୪ ଟି ଟ୍ରଲର ଜବତ କଲାଣି ବନବିଭାଗ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳ କୋଣାର୍କ ପାଖରୁ ମା' ଜଳେଶ୍ୱରୀ ନାମକ ମାଛଧରା ଟ୍ରଲର ଜବତ ହୋଇଛି । ଜବତ ଟ୍ରଲର (ଆଇଏନଡି – ଓଆର୦୪ଏମ୍ ଏମ୍ ୪୪୩)ର ମାଲିକ ଅସ୍ତରଙ୍ଗ ଝାଡ଼ଲିଙ୍ଗ ଅଞ୍ଚଳର ରଶ୍ମିରେଖା ନାୟକ ବୋଲି ସୂଚନା ମିଳିଛି । ଜବତ ଟ୍ରଲରରୁ ୮ ଜଣ କର୍ମଚାରୀଙ୍କୁ ବନବିଭାଗ ଅଟକ ରଖିଛି । ନିଷିଦ୍ଧାଞ୍ଚଳ ଉକ୍ତ ଟ୍ରଲରଟି ମାଛ ମାରୁଥିବା ବେଳେ ବନବିଭାଗ ଟିମ୍, ଟର୍ଟଲ ସ୍କ୍ୱାର୍ଡ ଉକ୍ତ ଟ୍ରଲରକୁ ଜବତ କରିଥିଲେ । ଟ୍ରଲର ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନକର୍ମଚାରୀଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏପିଆର ଫୋର୍ସ ପାଟ୍ରୋଲିଂରେ ସାମିଲ ହୋଇଥିଲେ । ଜବତ ଟ୍ରଲର ମାଲିକ ଅସ୍ତରଙ୍ଗ ଅଞ୍ଚଳର ହୋଇଥିବାରୁ ଉକ୍ତ ଟ୍ରଲରକୁ ଚନ୍ଦ୍ରଭାଗାକୁ ନିଆଯାଇ ଉକ୍ତ ଟ୍ରଲରରୁ ଜବତ ମାଛ ବମ୍ୱେ ଡକ ୩ଶହ କିଗ୍ରା, କଙ୍କଡା ୩୦କିଗ୍ରା, ମିକ୍ସ ମାଛ ୫୦କିଗ୍ରା, ଲାଞ୍ଜି ୨୦କିଗ୍ରା ଓ କଡ଼ି ଚିଙ୍ଗୁଡ଼ି ୩୦କିଗ୍ରା ଜବତ ହୋଇ ନିଲାମ ହୋଇଥିଲା । ନିଲାମ କାର୍ଯ୍ୟ ସମୟରେ ସାମୁଦ୍ରିକ ମତ୍ସ୍ୟବିଭାଗ ସହକାରୀ ମତ୍ସ୍ୟଅଧିକାରୀ ସତ୍ୟବ୍ରତ ଦାସଙ୍କ ଶହ ସାଗର ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅଲିଭି ରିଡେଲ କଇଁଛଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି ।

ସ୍ୱାମୀଙ୍କ ଜୁଇ ଲିଭିନି ଚାଲିଗଲା ସ୍ତ୍ରୀଙ୍କ ଜୀବନ

ଘୁ.ଉଦୟଗିରି : ଏକ୍ସପ୍ରେସ୍ ନ୍ୟୁଜ୍

ସ୍ୱାମୀ ସ୍ତ୍ରୀର ସମ୍ପର୍କ ଜନ୍ମଜନ୍ମର ସମ୍ପର୍କ ବୋଲି କୁହାଯାଉଥିବା ବେଳେ ସ୍ୱାମୀକୁ ଛାଡି ସ୍ତ୍ରୀ ନିଜକୁ ଅସହାୟ ମୂଲ୍ୟହୀନ ଭାବିନିଏ । ସ୍ୱାମୀ ଯିବାର ଦୁଃଖରେ ସ୍ତ୍ରୀର ଜୀବନ ଚାଲିଗଲା ଭଳି ଅନେକ ନଜିର ରହିଛି । ସେମିତି ଏକ ଘଟଣା ଘଟିଛି ଘୁ.ଉଦୟଗିରି ନିକଟସ୍ଥ ପୁକୁଲିଙ୍ଗିଆ ଗ୍ରାମରେ । ଗ୍ରାମର ଅବସର ପ୍ରାପ୍ତ ସେନା ଅଧିକାରୀ ଗଙ୍ଗାଧର ପ୍ରଧାନ(୮୦) ବୁଧବାର ମଧ୍ୟ ରାତ୍ରୀରେ ନିଜ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଗୁରୁବାର ସକାଳେ ବନ୍ଧୁ ପରିଜନ ମୃତକ ଗଙ୍ଗାଧରଙ୍କ ମରଶରୀରକୁ ଗ୍ରାମ ଶ୍ମଶାନକୁ ଅନ୍ତିମ ସଂସ୍କାର କରିବା ପାଇଁ ନେଇଥିଲେ । ସ୍ୱାମୀଙ୍କ ମୃତ୍ୟୁରେ ସ୍ତ୍ରୀ ନୁନାଦେବୀ ଭାଙ୍ଗି ପଡିଥିଲେ । ବିଧିର ବିଧାନ ଥିଲା ବଡ ବିଚିତ୍ର । ସ୍ୱାମୀଙ୍କ ଜୁଇ ନ ଲିଭୁଣୁ ପରିଜନ ଘରକୁ ଆସି ଖବର ଶୁଣିବାକୁ ପାଇଥିଲେ ପତ୍ନୀ ନୁନାଦେବୀ ପ୍ରଧାନ (୭୦)ଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତ୍ୱର ହେବାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେଠାରୁ ମୃତ ନୁନାଦେବୀଙ୍କ ମରଶରୀର ପୁକୁଲିଙ୍ଗିଆ ସେହି ଶ୍ମଶାନକୁ ନେଇ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା । ଯାହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ମୃତ ଦମ୍ପତିଙ୍କର ତିନୋଟି ଝିଅ ଥିବାବେଳେ ମାର୍ଗଶିର ମାସ ଗୁରୁବାର ଭଳି ଗୋଟିଏ ଦିନରେ ଦମ୍ପତିଙ୍କ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ରାଇକିଆରେ କୋହଲା ପାଗ ସହ ଝିପିଝିପି ବର୍ଷା

ରାଇକିଆ: ଏକ୍ସପ୍ରେସ୍ ନ୍ୟୁଜ୍

ରାଇକିଆରେ ଲଗାତାର ଦୁଇ ସପ୍ତାହ ଧରି ପ୍ରବଳ ଶୀତ ଅନୁଭୂତ ହେଉଛି । କିଛି ଯୁବ ଗୋଷ୍ଠୀ,ସୁସ୍ଥ ସବଳ ବ୍ୟକ୍ତି ବାହାରକୁ ବାହାରି ବୁଲାବୁଲି କରିବା ସହ ଶାରିରୀକ ବ୍ୟାୟାମ କରି ଦେହ ଫିଟ୍ ରଖିଥିବା ବେଳେ ଶୀତ ର ମଜା ଉଠାଉଛନ୍ତି । ଆଉ କିଛି ବୟସ୍କ ବ୍ୟକ୍ତିଙ୍କ ଘରୁ ବାହାରିବା ମୁସ୍କିଲ ହେଉ ଥିବା ବେଳେ ଘରେ ହିଁ ଚଦର ଘୋଡ଼ା ଘୋଡି ହୋଇ ନିଆଁ ର ସାହାରା ନେଇ ରହିବାକୁ ପଡୁଛି । ଦିନେ ଛଡା ଦିନେ କୁହୁଡ଼ି ପ୍ରବଳ ହେଉଛିଛ ଆଜି ସକାଳୁ କୋହଲା ପବନ ସହ କୋହଲା ପାଗ ହୋଇରହିଛି । ସୂର୍ଯ୍ୟ କିରଣ ଜମାରୁ ପଡ଼ିନାହିଁ । ଦେହ, ହାତ, ଗୋଡ଼ ସବୁ ଜାଡ଼ ଧରି ଥରେଇ ଯାଉଛି । ମଧାହ୍ନ ୧୨ଟା ପରେ ଝିପ୍‌ଝିପ୍ ହୋଇ ସାମାନ୍ୟ ବର୍ଷା ହୋଇଛି । ୪ଟାରେ ସ୍କୁଲ ଛୁଟି ପରେ କିଛି ଛାତ୍ରଛାତ୍ରୀ ଛତା ଧରି ଯାଉଥିବା ବେଳେ ଆଉ କେହି ଶୀତ ବସ୍ତ୍ର ପିନ୍ଧି ଓଦା ହୋଇ ଘରକୁ ଯାଉଥିବା ଦେଖିବାକୁ ମିଳିଛି । ଏହିପରି ପାଗ ଯୋଗୁଁ ପ୍ରବଳ ଶୀତ ଅନୁଭୂତ ହେଉଛି । ହାତ, ଗୋଡ଼ କାଲୁଆ ମାରୁଛି । ବିନା ଶୀତବସ୍ତ୍ରରେ ବାହାରକୁ ବାହାରିବା ଅସମ୍ଭବ ହେଉଛି । ଶୀତ ବସ୍ତ୍ର , ନିଆଁ ହିଁ ସମସ୍ତ ଲୋକଙ୍କ ସାହାରା ପାଲଟିଛ । ଘରେଘରେ ଲୋକଙ୍କୁ ଥଣ୍ଡା, କାଶରେ ପିଡିତ ହୋଇଥିବା ଜଣାପଡିଛି ।

ଦୁର୍ନୀତିର ଗନ୍ତାଘର ପାଲଟିଛି ଗୁଡାରୀ ବନାଞ୍ଚଳ : ତଦନ୍ତ ଦାବି

ଗୁଣପୁର : ଏକ୍ସପ୍ରେସ୍ ନ୍ୟୁଜ୍

ରାୟଗଡ଼ ବନଖଣ୍ଡ ଅଧିନସ୍ଥ ଗୁଡାରୀ ଫରେଷ୍ଟ ରେଞ୍ଜ ଗତ କିଛି ବର୍ଷ ହେଲା ଦୁର୍ନୀତିରେ ବୁଡ଼ି ଚର୍ଚ୍ଚାରେ ରହି ଆସିଛି । ଯେତେ ଅଭିଯୋଗ ହେଲେ ବି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଦୁର୍ନୀତି ନିୟନ୍ତ୍ରଣକୁ ଆସୁପାରୁନାହିଁ । ଅନୁସନ୍ଧାନରୁ ଜଣାପଡିଛି ଯେ କାମରେ ନିୟୋଜିତ କୁଲି ମଜୁରିଆଙ୍କ ମଜୁରୀ ହେଉ ବା ଚାରା ପରିବହନରେ ହୋଇଥିବା ଘୋଟାଲା, ଅଳ୍ପସଂଖ୍ୟକ ଲୋକଙ୍କୁ କାମରେ ନିୟୋଜିତ କରି ଅଧିକ ସଂଖ୍ୟକ ଲୋକ କାମ କରୁଥିବା ଦର୍ଶାଇ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ଗୁଡାରୀ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସମଗ୍ର ରାୟଗଡା ବନଖଣ୍ଡ କର୍ମଚାରୀଙ୍କୁ ଚକିତ କରିଛି । ଅଫିସ ଗାଡିକୁ ଅଧିକାରୀ ଜଣକ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଇଥିବା ମଧ ଅଭିଯୋଗ ହୋଇଛି । ଅଧିକାରୀ ଜଣକ କୁଲି ମଜୁରିଆଙ୍କ ଟଙ୍କାକୁ ଆତ୍ମସାତ କରି ମଉଜ କରୁଛନ୍ତି ।

ଆଇଡିବିଆଇ ଗୁଣପୁର ଶାଖା ଏବଂ ଗୁଡାରୀ ରେଞ୍ଜ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏନ୍‌ଇଏଫ୍‌ଟିରେ ମହା ଘୋଟାଲା ଯାହା ଫଲ୍ସ ପେମେଣ୍ଟ କରାଯାଇଥିବା ନେଇ ମଧ ଅଭିଯୋଗ ଉଠିଛି । କାମ କରିନଥିବା ଲୋକଙ୍କ ନାମରେ ମଜୁରୀ ଟଙ୍କା ଜମା କରି ଦଲାଲଙ୍କ ଦ୍ୱାରା ଆଦାୟ କରି ଅଧିକାରୀ ମାଲେମାଲ ହେଉଥିବା ଜଣାପଡିଛି । ଗୁଡାରୀ ରେଞ୍ଜର ଗୋଟିଏ ପରେ ଗୋଟିଏ ଦୁର୍ନୀତିର ଗନ୍ଧ ବାରି ହେଉଛି । ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ଯେ କାମ୍ପା ପ୍ରୋଜେକ୍ଟରେ କାମ କରିଥିବା କୁଲିମଜୁରିଆଙ୍କ ମଜୁରୀ ଟଙ୍କା ମାସ ମାସ ବିତି ଯାଇଥିଲେ ମଧ ପ୍ରଦାନ କରାଯାଇନଥିବା ଅଭିଯୋଗ ହେଉଛି । ସେହିପରି କ୍ଷେତ୍ରରେ ନିର୍ଦ୍ଧାରିତ ତଥା ଆବଶ୍ୟକ ଚାରା ରୋପଣ ମଧ୍ୟ କରି ନଥିବା ଅଭିଯୋଗ ରହିଛି । ଆବଶ୍ୟକ ସଂଖ୍ୟକ ଫାୟାର ୱାଚରଙ୍କୁ କାର୍ଯ୍ୟରେ ନିଯୁକ୍ତି ଦେଇ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ କାମରୁ ବାହାର କରି ଅନ୍ୟଙ୍କୁ ନାମକୁ ମାତ୍ର କାମରେ ଲଗାଇବା ଭଳି ଦର୍ଶାଇ ସେମାନଙ୍କ ପାରିଶ୍ରମିକ ଅର୍ଥକୁ ଅଧିକାରୀ ବାଟମାରଣା କରିଥିବା ଅଭିଯୋଗ ହୋଇଛି ।

ଠିକ୍ ସେହିପରି ନର୍ସରୀ ୱାଚରମ୍ୟାନମାନଙ୍କ ମଧ୍ୟରେ ସମାନ ଅଭିଯୋଗ ରହିଛି । କେବଳ କାଗଜ କଲମରେ ଦର୍ଶାଇ ସେମାନଙ୍କ ଅର୍ଥକୁ ବାଟ ମାରଣା କରିଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଘା ନାହିଁ । ଏହି ସମ୍ପର୍କରେ ଅଧିକାରୀଙ୍କୁ ପଚାରିଲେ ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିବାକୁ ପରାମର୍ଶ ଦେଇ ପ୍ରସଙ୍ଗକୁ ଏଡାଇ ଦେଉଛନ୍ତି । ଅଭିଯୋଗ ଗୁଡ଼ିକର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼ : ଗୁରୁତର ଅବସ୍ଥାରେ ଚିକିତ୍ସାଳୟ ଭର୍ତ୍ତି

ଅନୁଗୁଳ : ଏକ୍ସପ୍ରେସ୍ ନ୍ୟୁଜ୍

ଅନୁଗୁଳ ଜିଲ୍ଲାରେ ଫୁଟିଲା ଗୁଳି । ଗୁଳିମାଡ଼ରେ ଯୁବକ ଗୁରୁତର । ଗୁରୁତର ଜଣଙ୍କ ହେଲେ ଅନୁଗୁଳ ବାଗଡିଆ ଥାନା ପାତ୍ରପଡା ଗାଁର ମିଲୁ ବେହେରା । ତାଙ୍କ ବାମ ଗୋଡରେ ଗୁଳି ବାଜିଛିଥିବା ସୂଚନା । ତାଙ୍କୁ ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରାଯାଇଛି । ପୂର୍ବ ଶତ୍ରୁତାକୁ ନେଇ ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି । ମିଲୁ ବେହେରା ଓ ତାଙ୍କ ଭିଣୋଇଙ୍କ ବଡ଼ ଭାଇ ପ୍ରଶାନ୍ତ ବେହେରାଙ୍କ ମଧ୍ୟରେ କିଛି ଦିନ ହେବ ପାରିବାରିକ ଝଗଡା ଲାଗିରହିଥିଲା । ଫଳରେ ପ୍ରଶାନଙ୍କ ବନ୍ଧୁକ ଗୁଳିରେ ମିଲୁ ଆହତ ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ବଲମ୍ବିତ ରାତିରେ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା । ବାଗଡିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

ପାରଦ ୬.୨ ଡିଗ୍ରୀ : ରାଜ୍ୟର ସବୁଠୁ ଥଣ୍ଡା ସହର ଘୁ.ଉଦୟଗିରି

ଘୁ.ଉଦୟଗିରି : ଏକ୍ସପ୍ରେସ୍ ନ୍ୟୁଜ୍

ଘୁ.ଉଦୟଗିରି ତାପମାତ୍ରା ଖସିବାରେ ଲାଗିଛି । ଗୁରୁବାର ୬.୨ ଡିଗ୍ରୀ ସେଲସିଅସରେ ପହଞ୍ଚିଥିବା ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ କୃଷି ବିକାଶ କେନ୍ଦ୍ର । ସେଭଳି ଫୁଲବାଣୀରେ ୮.୫ ଡିଗ୍ରୀ ଥିବାବେଳେ ଦାରିଙ୍ଗବାଡ଼ିରେ ୧୦ ଡିଗ୍ରୀ ରହିଥିବା ସୂଚନା ମିଳିଛି । ଘୁ.ଉଦୟଗିରିରେ ଦିନକୁ ଦିନ ପାରଦ ତଳ ମୁହାଁ ରହୁଥିବା ବେଳେ ଶୀତର ପ୍ରକୋପ ବଢିବାରେ ଲାଗିଛି । ଶୀତରତୁରେ ତିନି ବର୍ଷ ହେଲା ରାଜ୍ୟର ସବୁଠାରୁ କମ ତାପମାତ୍ରା ବା ଥଣ୍ଡା ସହର ଭାବେ ରେକର୍ଡ ରହୁଥିବା ଯୋଗୁ ଲୋକେ ଘୁ. ଉଦୟଗିରିକୁ ଓଡିଶାର ଦାର୍ଜିଲିଂ ବୋଲି କହିବା ଆରମ୍ଭ କଲେଣି । ଅତ୍ୟଧିକ ଥଣ୍ଡାରେ ପ୍ରଭାବିତ ହେଉଛି ଜୀବନ ଓ ଜୀବିକା । ଦିନସାରା ଅଞ୍ଚଳରେ କୋହଲା ପବନ ବୋହିବା ସାଙ୍ଗକୁ ପ୍ରବଳ ଜାଡ଼ ଅନୁଭୂତ ହେଉଛି । ଯାହାଦ୍ୱାରା ଗୋଡ଼ ହାତ କାଲୁଆ ମାରୁଛି । ଥଣ୍ଡାରେ ଦିନବେଳେ ମଧ ଦୁଇ ଚକିଆ ଗାଡ଼ି ଚଳାଇବା ବହୁ କଷ୍ଟକର ହେବା ସହିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଳକ । ଜଙ୍ଗଲଜାତ ସାମଗ୍ରୀ ବିକ୍ରୀ କରୁଥିବା, ରାସ୍ତା କଡରେ ବସି ପରିବା ବିକୁଥିବା ଚାଷୀଙ୍କ ଶୀତ କଷ୍ଟ କହିଲେ ନ ସରେ । ପାରଦ ତଳମୁହାଁ ଯୋଗୁଁ ଛୋଟ ପିଲାଙ୍କ ସହିତ ବୁଢ଼ା ବୁଢ଼ୀଙ୍କ ସ୍ୱାସ୍ଥ୍ୟ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି । ପିଲାଙ୍କ ସ୍କୁଲ ଯିବା କଷ୍ଟକର ହୋଇଥିବା କହିଛନ୍ତି ଅଭିଭାବକ । ଏହି ବ୍ଲକର ତୁମୁସିଙ୍ଗିଆ, ମୁକୁଲିଙ୍ଗିଆ, ସିପାଏ ଜୁ, ସିର୍କୀ, ରାଇକଲା, ତଲାରୀମାହା, ବେଟିକଲା, ମୁଣ୍ଡାକାଙ୍ଗା, କିରାମାହା, ସୁଗାମାହା, ସୁଜେଲି, ପୁକୁଲିଙ୍ଗିଆ, କୁର୍ମିଙ୍ଗିଆ, ଟିଆଁଙ୍ଗିଆ ଆଦି ଅଞ୍ଚଳରେ ମଧ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଥିବା କୁହାଯାଉଛ । ଏଥିପାଇଁ ଅଞ୍ଚଳବାସୀ ଅପରାହ୍ନ ୪ ହେଲେ ନିଆଁର ସାହାରା ନେବା ସହ ତାଟି କବାଟ ଦେଇ ଘରେ ରହୁଛନ୍ତି । ସେହିପରି ପ୍ରବଳ ଜାଡ଼ ଯୋଗୁଁ ଘୁ.ଉଦୟଗିରି ସହରରେ ମଧ ରାତି ୮ଟା ହେଲେ ଦୋକାନ ବଜାର ବନ୍ଦ ରହୁଛି । ଥଣ୍ଡାର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି ।

କଟିଙ୍ଗିଆ ଘାଟିରେ ଫ୍ଲାଇ ଆସ ଟ୍ରକ ଦୁର୍ଘଟଣା ଗ୍ରସ୍ତ

ଘୁ.ଉଦୟଗିରି ଏକ୍ସପ୍ରେସ୍ ନ୍ୟୁଜ୍

ଘୁ.ଉଦୟଗିରି ବ୍ଲକ କଟିଙ୍ଗିଆ ଘାଟିରେ ଗୁରୁବାର ସକାଳ ସମୟରେ ଲାଞ୍ଜିଗଡ ଠାରୁ ଗୋବରା ନିମନ୍ତେ ଫ୍ଲାଏ ଆସ ନେଇ ଯାଉଥିବା ଏକ ଟ୍ରକ ନମ୍ବର ଓ ଆର୍୧୨ବି – ୬୦୩୨ ଗାଡିଟି ବ୍ରେକ ଫେଲ ହେବା ଯୋଗୁଁ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ କାହାର କିଛି ହୋଇନ ଥିବା ସୂଚନା ମିଳିଛି । ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଟ୍ରକ ଚାଳକ ।

ଟ୍ରକକୁ ଧକ୍କା ଦେଲା ଆଇରନ ବୋଝେଇ ଟ୍ରକ୍ : ଚାଳକ ଗୁରୁତର

ଅନୁଗୁଳ : ଏକ୍ସପ୍ରେସ୍ ନ୍ୟୁଜ୍

ଅନୁଗୁଳ ଜିଲ୍ଲା ବଣ୍ଡରପାଳ ଥାନା ନିକଟ ନୂଆହତା ପଞ୍ଚାୟତ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇ ଠିଆ ହୋଇଥିବା ଟ୍ରକକୁ ପଛ ପାଖରେ ଧକ୍କା ଦେଲା ଆଇରନ ବୋଝେଇ ଟ୍ରକ୍ । ଦୁର୍ଘଟଣାରେ ଚାଳକ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସୂଚନା ମୁତାବକ, ୨୬ ତାରିଖ ରାତିରେ ଏକ ଅଜଣା ଟ୍ରକର ପଛ ପାଖରେ ଆଇରନ ବୋଝେଇ ଟ୍ରକ ଧକ୍କା ଦେବା ଫଳରେ ଚାଳକ ଗୁରୁତର ହୋଇ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହି ସମୟରେ ବାଟରେ ଚାଳକଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟପଟେ ଦୁର୍ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ମଧ ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ସାଇଡ ହୋଇପାରି ନଥିଲା । ଫଳରେ ୨୭ ତାରିଖ ରାତିରେ ସେହି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ପଛରେ ଆଉ ଏକ ଆଇରନ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଚାଳକ ଗୁରୁତର ହୋଇଥିଲେ । ଖବର ପାଇ ବଣ୍ଡରପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଟ୍ରକକୁ ଜବତ କରିବା ସହ ଜାତୀୟ ରାଜପଥରୁ ସ୍ଥାନାନ୍ତରିତ କରାଇଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜାତୀୟ ରାଜପଥରେ ବେଆଇନ୍ ପାର୍କିଂ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକ ରାସ୍ତାରେ ଠିଆ କରି ରଖାଯାଉଛି । ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

AFFIDAVIT

"By virtue of an Affidavit before the Court of Execitive Margistrate Nayagarh, Odisha.No-1156/ 23,dt-14.09.2023. I Chittaranjan Sahoo age 32years, S/O-Jogendra Sahoo, At-Mandalsingh, Po-Dighiri, Ps-Bolagarh, Dist-Khordha declared that my minor daughter's name is mentioned as Mahika Chittaranjan Sahoo in Lic Policy. But daughter's Actual name as her Aadhar card, Birth Certificate is PREETISUMAN SAHOO. PREETISUMAN SAHOO & Mahika Chittaranjan Sahoo is same and one person. Hence forth she shall be known as PREETISUMAN SAHOO for LIC Policy Bond no-856896012 and all purposes.

Sd/-
Chittaranjan Sahoo

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5230

ସି-ମେଟ ଇଲେକ୍ଟ୍ରୋନିକ୍ସ ପ୍ରଦ୍ୟୋଗିକୀ ସାମଗ୍ରୀ କେନ୍ଦ୍ର(C-MET)
(ସାଇଣ୍ଟିଫିକ ସୋସାଇଟି, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫରମେସନ୍ ମନ୍ତ୍ରାଳୟ, ଭାରତ ସରକାର)
ମୁଖ୍ୟାଳୟ- SyNo.34/2B, ପଞ୍ଚବଟି, ଡଃ ହୋମି ଭବ ରୋଡ, ଏନସିଏଲ ପୋଷ୍ଟ, ପୁନେ-୪୧୧୦୦୮
Website : http://www.cmet.gov.in

ବିଜ୍ଞାପନ ସଂଖ୍ୟା- ୦୦୧/୨୦୨୪

C-MET, ପ୍ରଯୁଜ୍ୟ କାର୍ଯ୍ୟ ଅଭିଜ୍ଞତା ଥିବା ଏବଂ ଉତ୍କୃଷ୍ଟ ଏକାଡେମିକ ରେକର୍ଡ ଥିବା ଭାରତୀୟ ନାଗରିକ ମାନଙ୍କ ଠାରୁ ଅଫଲାଇନ୍ ଦ୍ୱାରା C-MET ମୁଖ୍ୟାଳୟ ଠିକଣାରେ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ନିଯୁକ୍ତି/ ଅବଶୋଷଣ / ଡେପୁଟେସନ୍ (ସର୍ତ୍ତାବଳୀ ଚୁକ୍ତିନାମା ଅନ୍ତର୍ଭୁକ୍ତ) ଆବେଦନ ଆମନ୍ତ୍ରଣ କରୁଛନ୍ତି ।

କ୍ରମ ସଂ.	ପଦ ର ନାମ ଏବଂ ବେତନ	ପଦ ର ସଂଖ୍ୟା	ବର୍ଗ	ନିଯୁକ୍ତି ର ଧାରା	ବୟସ ସୀମା
୧.	ରେଜିଷ୍ଟ୍ରାର ପିଏମଏଲ-୧୩ ଟ.୧୨୩୧୦୦/- ରୁ ୨୧୫୯୦୦/-	୦୧	୧-ୟୁଆର	ସିଧାସଳଖ ନିଯୁକ୍ତି/ ଅବଶୋଷଣ / ଡେପୁଟେସନ୍ (ସର୍ତ୍ତାବଳୀ ଚୁକ୍ତିନାମା ଅନ୍ତର୍ଭୁକ୍ତ) : ୫ ବର୍ଷ ପର୍ଯ୍ୟନ୍ତ	୫୦ ବର୍ଷ

ଆବେଦନ ପତ୍ର, ବୟସ, ଯୋଗ୍ୟତା ଏବଂ ଅନ୍ୟ ସର୍ତ୍ତାବଳୀ C-MET ୱେବସାଇଟ୍ : www.cmet.gov.in ରେ ଦେଖିପାରିବେ । ଆବେଦନର ଶେଷ ତାରିଖ ଏମ୍ପ୍ଲଏମେଣ୍ଟ ନ୍ୟୁଜ୍ ରେ ପ୍ରକାଶନର ୩୦ ଦିନ ମଧରେ ଆବେଦନ କରିପାରିବେ ।

ସ୍ୱା/-
ରେଜିଷ୍ଟ୍ରାର (ଏ)

CBC 06169/12/0002/2425

ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା

ଏତଦ୍ୱାରା କୁଚିଣ୍ଡା ଉପଖଣ୍ଡର ସମସ୍ତ ଧାନ ଚାଷୀ ଭାଇଭଉଣୀମାନଙ୍କୁ ଜଣାଇ ଦିଆଯାଉଛି ଯେ ଚଳିତ ଖରିଫ-୨୦୨୪-୨୫ ବର୍ଷ ପାଇଁ ୯ ଗୋଟି ଲ୍ୟାମ୍ପ୍ସ ଓ ୬ ଗୋଟି WSGH ଦ୍ୱାରା ୫୪ ଗୋଟି କ୍ରୟ କେନ୍ଦ୍ରରେ ତା. ୨୭.୧୧.୨୦୨୪ ରିଖ ଠାରୁ ପର୍ଯ୍ୟାୟ କ୍ରମେ ଧାନ କ୍ରୟ କରାଯାଉଛି ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନକୁ ଭଲ ଭାବରେ ସଫା କରି (FAQ) ମାନକୁ ଉନ୍ନୀତ କରାଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ ।

ଧାନର ମାନ ନିର୍ଦ୍ଧାରଣ- F.A.Q

କ୍ର. ନ	ମିଶ୍ରିତ ଦ୍ରବ୍ୟ ବିବରଣୀ	ସର୍ବୋଚ୍ଚ ଗ୍ରହଣୀୟ ସୀମା
୧.	ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ	୧%
୨.	କାଠି, କୁଟା, ଭୁସି, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ	୧%
୩.	ଖରାପ, ବେରଙ୍ଗି, ପାନିପୋଲା, ପୋକ ଇତ୍ୟାଦି	୫%
୪.	ଅପରିପକ୍ୱ କଞ୍ଚା, ସବୁଜ, ବଙ୍କା ବା ସଂକୁଚିତ ଇତ୍ୟାଦି	୩%
୫.	ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ପାଇଁ ପ୍ରଯୁଜ୍ୟ)	୬%
୬.	ଆର୍ଦ୍ରତା ବା ଜଳୀୟ ଅଂଶ	୧୭%

ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ

ସାଧାରଣ ଶ୍ରେଣୀ (FAQ)	ଟ ୨୩୦୦.୦୦ (ପ୍ରତି କୁଇଣ୍ଟାଲ)
ଇନପୁଟର ସହାୟତା	ଟ ୮୦୦.୦୦ (ପ୍ରତି କୁଇଣ୍ଟାଲ)

ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା

ଅଣ୍ଡର ପାସ ବିଳମ୍ବିତ ଯୋଗୁଁ ଆଶା ଓ ଆଶଙ୍କାରେ ସହରବାସୀ

ବେତନଟୀ : ଏକ୍ସପ୍ରେସ୍ ନ୍ୟୁଜ୍

ବେତନଟୀ ଭଳି ପୁରାତନ ସହରକୁ ଦକ୍ଷିଣ ପୂର୍ବ ରେଳବାଇ ବିଭାଗର ରୁପ୍ସା – ବାଙ୍ଗିରିପୋଷି ବ୍ରଡ ଗେଜ ରେଳପଥ ଗତ ୨୦୦୬ ମସିହା ଠାରୁ କାର୍ଯ୍ୟକ୍ଷମ ହେବା ପର ଠାରୁ ଏକ ସ୍ୱର ପ୍ଲାଟ ଫର୍ମକୁ ଲାଗି ରହିଥିବା ରେଳ ଫାଟକଟିକୁ ବନ୍ଦ କରି ଦିଆ ଯାଇଥିବା ଯୋଗୁଁ ସହର ମଧ୍ୟରେ ବସଷ୍ଟାଣ୍ଡରୁ ଆନନ୍ଦ ବଜାରକୁ ଯାତାୟାତରେ ଗୁରୁତର ବାଧା ସୃଷ୍ଟି ହୋଇ ଆସୁଥିଲା ଏବଂ ଏବେ ସୁଦ୍ଧା ମଧ୍ୟ ଏହା ମୁଖ୍ୟ ପ୍ରତିବନ୍ଧକ ଭାବେ ରହିଛି । ମାତ୍ର ସହରବାସୀଙ୍କ ପକ୍ଷରୁ ଏହା ପ୍ରତିବନ୍ଧକ ହଟାଇବା ପାଇଁ ରେଳମନ୍ତ୍ରୀଙ୍କ ଠାରୁ ଡିଆରଏମ ଖଡଗପୁର ବାଲେଶ୍ୱର ସାଂସଦଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇ ଆସୁଥିଲା । ତେବେ ସହରବାସୀ ଓ ଅଞ୍ଚଳବାସୀଙ୍କ ଦାବିକୁ ନେଇ ଦକ୍ଷିଣ-ପୂର୍ବ ରେଳବାଇ ଡିଭିଜନାଲ ମ୍ୟାନେଜର ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ଯୋଗୁଁ ଗତ ୧୩/୧/୨୪ ରିଖରେ ଖୋଦ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ର ଜଳସେଚନ ମନ୍ତ୍ରୀ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ତଥା ମୟୂରଭଞ୍ଜ ସାଂସଦ ଇଂ ବିଶେଶ୍ୱର ଟୁଡୁ ମୟୂରଭଞ୍ଜ ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ସମେତ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ପ୍ରମୁଖ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇ ଅଣ୍ଡର ପାସ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ପାଇଁ ୧୨ କୋଟି ୭୫ ଲକ୍ଷ ଟଙ୍କାର ଅନୁମୋଦନ ଥିଲେ ହେଁ ଏହାର କାର୍ଯ୍ୟ ଫେବୃଆରୀ ମାସରୁ ଆରମ୍ଭ ହୋଇ ଜୁଲାୟ ମାସ ଠାରୁ ଅଟକି ରହିଥିବାରୁ ସହରବାସୀଙ୍କ ପକ୍ଷରୁ ସନ୍ଦେହ ପ୍ରକାଶ ପାଇଛ । ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଥିବା ଯୋଗୁଁ କେନ୍ଦ୍ରର ବିଜେପି ସରକାର ବିଜେପିର ଭୋଟ ହାତେଇବା ପାଇଁ ଏହି ପ୍ରକଳ୍ପର ଶୁଭ ଦେଇ ସାରା ମୟୂରଭଞ୍ଜର ସମସ୍ତ ବିଧାୟକ ପଦବୀ ଓ ଲୋକସଭା ଆସନରୁ ବିଜୟ ଲାଭ କରିବା ପରେ ଏହାକୁ ଆଗ୍ରାଧିକାର ନ ଦେବା ଯୋଗୁଁ କେନ୍ଦ୍ର ସରକାରଙ୍କର ପ୍ରତାରଣା ବୋଲି ଅଭିଯୋଗ ହେଉଛି । ଯେପରି ଘରେ ଘରେ ମାଗଣା ବିଜୁଳି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତା ଦଖଲ କରିବା ପରେ ପ୍ରତିଶ୍ରୁତିକୁ ଭୁଲିଗଲା ସେହିପରି ଏହି ଅଣ୍ଡର ପାସ ଗଳା ପୋଲ ପାଇଁ ସହରବାସୀଙ୍କ ନାହିଁ ନ ଥିବା ହନ୍ତସନ୍ତ ହେଉଥିଲେ ସୁଦ୍ଧା ରେଳବାଇ ଭଳି ଏକ କେନ୍ଦ୍ର ସରକାରଙ୍କ ଶୃଙ୍ଖଳିତ ବିଭାଗର ଠିକାଦାରଙ୍କ ଅନୁପସ୍ଥିତି ଏବଂ କାର୍ଯ୍ୟ ବନ୍ଦ ଯୋଗୁଁ ସନ୍ଦେହ ଅଧିକ ଘନୀଭୂତ ହୋଇଥିବା କୁହାଯାଉଛି । ଅକ୍ଟୋବର ମାସରୁ ବର୍ଷା ଛାଡିଥିଲେ ବି ଦୁଇ ମାସ ଧରି କିଛି କାମ ନ ହେବା ଯୋଗୁଁ ରେଳବାଇ ବିଭାଗରୁ ଟେଣ୍ଡର ନେଇଥିବା ଠିକାଦାର ନିଖୋଜ ରହିବା ଯୋଗୁଁ କାମ ଟେଣ୍ଡର ନେଇଥିବା ଠିକାଦାରଙ୍କୁ ତୁରନ୍ତ ରେଳମନ୍ତ୍ରୀ ଓ ସାଂସଦ ଖୋଜି ବାହାର କରିବାକୁ ସହରବାସୀ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଗତିବାଦୀ ପକ୍ଷରୁ ପଦକ୍ଷେପ ନେବାକୁ ଦାବି କରାଯାଇଛି । ରେଳବାଇ ବିଭାଗର ଏଠାରେ ଅନ୍ୟାନ୍ୟ କାମ ଚାଲୁ ରହିଥିବା ବେଳେ ଏହି ଅଣ୍ଡର ପାସ କାମ କରୁଥିବା ଠିକାଦାର କେଉଁ ଆଡେ ଗଲେ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହି ଗଳା ପୋଲ କାମ ଶେଷ ହୋଇ ପାରିବ କି ନାହିଁ ବୋଲି ସ୍ପଷ୍ଟିକରଣ ଦେବାକୁ ବିଜେଡି ଓ କଂଗ୍ରେସ ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି । ଏଠାରେ ସ୍ମରଣ କରାଇ ଦିଆଯାଇ ପାରେ କି ଜନସଂଖ୍ୟା ଓ ଯାନ ବାହାନ ସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଥିବା ବେଳେ ୧୮ ନମ୍ବର ରେଳ ଫାଟକ ବନ୍ଦ ରହୁଥିବା ବେଳେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେଉଥିବା ଯୋଗୁଁ ଏହି ଗଳା ପୋଲର କାର୍ଯ୍ୟ ଶେଷ ହେବା ନେଇ ଦାବି କରାଯାଇଛି । ଏହି ରେଳ ପଥଟି ୧୯୦୪ ମସିହାରେ ମୟୂରଭଞ୍ଜ ଗଡ଼ଜାତ ରାଜାଙ୍କ ସମୟରେ ନିର୍ମାଣ ହୋଇଥିବା ବେଳେ କେନ୍ଦ୍ରର କଂଗ୍ରେସ ସରକାର ସମୟରେ ୨୦୦୬ ମସିହାରେ ବ୍ରଡ ଗେଜ ହେବା ପର ଠାରୁ ଦୀର୍ଘ ୧୮ ବର୍ଷ ଧରି ସମସ୍ୟା ସୃଷ୍ଟି ହୋଇ ବଢି ଚାଲିଛି ।

ଘୋଷଣା

ନିରୁପମା ଦେଈ ପିତା- ଗୋବିନ୍ଦ ଚନ୍ଦ୍ର ଦାସ, ସ୍ୱାମୀ- ସୀତାରାମ ମଲ୍ଲିକ, ଗ୍ରାମ- କରିଆଙ୍ଗ, ପୋ-ଛତ୍ରପଡା, ଜିଲ୍ଲା-ଯାଜପୁର, ପିନ୍- ୭୫୫୦୧୩, ବର୍ତ୍ତମାନ ବସତି ଗ୍ରାମ-ଦେବିଦ୍ୱାର, ପୋ- ଦେବିଦ୍ୱାର, ଜିଲ୍ଲା-ଯାଜପୁର, ପିନ୍-୭୫୫୦୦୭। ମୋର ନାମ ଭୁଲବଶତଃ ଆଧାରରେ ଅନ୍ନପୂର୍ଣ୍ଣା ଦେଈ ହୋଇଅଛି। ଏହାକୁ କୋର୍ଟରେ ଆଫିଡେଭିଟ୍ ନଂ- ୭୧୨୨ ତାରିଖ-୧୨-୧୧- ୨୦୨୪ରେ ସଂଶୋଧନ କରିଅଛି।

ସ୍ୱା/-
ନିରୁପମା ଦେଈ

AFFIDAVIT

AFFIDAVIT"By virtue of an Affidavit before the Court of Pradosh Ku. Pattanaik,Notary Nayagarh, Odisha.dt-08.04.2024. I smt. MAMATA PRADHAN age 41years,W/O-Madhu Pradhan, At-Mandalsingh, Po-Dighiri,Ps-Bolagarh, Dist-Khordha declared that my name is mentioned as Mami Pradhan in Lic Policy. But my Actual name as my Aadhar card, Bank Passbook is MAMATA PRADHAN. MAMATA PRADHAN & Mami Pradhan is same and one person. Hence forth I shall be known as MAMATA PRADHAN for LIC Policy Bond no-587245706 and all purposes.

Sd/-
MAMATA PRADHAN